**ଅକ୍ସିଜେନ ପାଇଁ ଟଙ୍କା ମାଗି କର୍ମଚାରୀ ଗିରଫ**

**କେନ୍ଦୁଝର, (ସ୍ୱ.ପ୍ର.):** କେନ୍ଦୁଝର ସହର ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଥିବା କୋଭିଡ୍ କେୟାର ସେଣ୍ଟରରେ ଜଣେ ରୋଗୀଙ୍କୁ ଅକ୍ସିଜେନ ଯୋଗାଇଦେବାକୁ ୧୫ ଶହ ଟଙ୍କା ମାଗିବା ଘଟଣାରେ ଟାଉନ ପୋଲିସ ଜଣେ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ତ୍ରିଲୋଚନ ସେଠୀ। ଏହାକୁ ନେଇ ସିଡିଏମଓ ଡକ୍ଟର ଅଶୋକ ଦାସ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୮୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।



**ସଂକ୍ଷେପରେ**

## ସାରସ୍ୱତ ସାଧକ ସୀତାକାନ୍ତଙ୍କ ପରଲୋକ



**ଭଦ୍ରକ ଅଫିସ,୧୧।୫:** ଭଦ୍ରକ ଜିଲାର ଜଣାଶୁଣା ସାରସ୍ୱତ ସାଧକ ସୀତାକାନ୍ତ ପତ୍ରୀ (୭୪)ଙ୍କ ପରଲୋକ ହୋଇଛି। ଏହି ଖବର ପ୍ରସାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟକ, ଅଧାପକ ଓ ରାଜନେତାଙ୍କ ଭିଡ଼ ତାଙ୍କ ଭଦ୍ରକ ସହରସ୍ଥିତ ଅପଡବିନ୍ଧା ବାସଭବନରେ ହୋଇଥିଲା। ସେ ଜଣେ ସାରସ୍ୱତ ସାଧକ ସହ ସୁଅଧାପକ ଭାବରେ ପରିଚିତ ଥିଲେ। ଚାକିରିରୁ ଅବସର ନେବା ପରେ 'ଧାନଫୁଲ' ପତ୍ରିକାର ସମ୍ପାଦକ ଭାବେ ତାଙ୍କୁ ରାଜ୍ୟସ୍ତରରେ ପରିଚିତ କରାଇଥିଲା।

## ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀଙ୍କ ପରଲୋକ

**ସଜନାଗଡ଼, ୧୧।୫(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଭଉଁରିଆବାଡ଼ ପଞ୍ଚାୟତ ତେରେଲଡିହି ଗ୍ରାମର ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଧିକାରୀ ନିମାଇଁ ଚରଣ ମାଝି (୭୩) କରୋନାରେ ଆକ୍ରାନ୍ତ ହୋଇ ଗତ ୯ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ



ପରଲୋକ ହୋଇଯାଇଛି। ଏପ୍ରିଲ ୨୮ତାରିଖରେ ଅସୁସ୍ଥତା କାରଣରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ନିଆଯାଇଥିଲା। ସେଠାରେ ସେ କରୋନା ସଂକ୍ରମିତ ଜଣାପଡିବା ପରେ ଚିକିତ୍ସିତ ହେଉଥିଲେ। ସତ୍ୟନଗରସ୍ଥିତ ଶ୍ମଶାନ ଘାଟରେ ବିଏମ୍‌ସି ପକ୍ଷରୁ ତାଙ୍କ ଶବ ଦାହ କରାଯାଇଥିଲା। ବଡ଼ପୁଅ ଗଣେଶ୍ୱର ହାଁସଦା (ମାଝି) ମୁଖାଗ୍ନି ଦେଇଥିଲେ। ନିମାଇଁ ଚରଣ ନୀଳଗିରି ବ୍ଲକ ଅନ୍ତର୍ଗତ ବଣଭୂଇଁ ହାଇସ୍କୁଲ, ପରେ ବିଜେବି କଲେଜରେ ବିଏ (ଅନର୍ସ) ଡିଗ୍ରୀ ଓ ଏମ୍‌ଏ ଏବଂ ନୂଆଦିଲ୍ଲୀ ଜବାହରଲାଲ ନେହେରୁ କଲେଜରେ ଏମ୍‌ଫିଲ୍ ଶେଷ କରିଥିଲେ। ପରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ରେ ଚାକିରି ଜୀବନ ଆରମ୍ଭ କରି ଚିଫ୍ ମ୍ୟାନେଜର ଭାବେ ୨୦୧୮ ଫେବୃୟାରୀରେ ଅବସର ନେଇଥିଲେ। ଚାକିରିରୁ ଅବସର ପରେ ସେ ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ବାସଭବନରେ ରହୁଥିଲେ।

## କରୋନା ନେଲା ଆଉ ଏକ ଜୀବନ

**ବାଙ୍ଗିରିପୋଷି,୧୧।୫(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ଦିନକ ପୂର୍ବରୁ ଜଣେ ଅଧାପିକାଙ୍କ କରୋନାରେ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ପୁଣି ଜଣକ ଜୀବନ ଯାଇଛି। ମୃତକ ୩୮ ବର୍ଷୀୟ ଜଣେ ସେଲୁନ ମାଲିକ ବୋଲି ଜଣାପଡ଼ିଛି। ଗତ ୨ ତାରିଖରେ ସ୍ୱାବ୍ ପରୀକ୍ଷାରୁ ପଜିଟିଭ୍ ବାହାରିବାରୁ ସେ ହୋମ୍ ଆଇସୋଲେଶନରେ ଥିଲେ। ସୋମବାର ରାତିରେ ଶ୍ୱାସକ୍ରିୟାରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇଥିଲେ। ସକାଳେ ଆମ୍ବୁଲାନ୍ସ ପହଞ୍ଚିବା ବେଳକୁ ସେ ନିଶ୍ଚଳ ହୋଇ ପଡ଼ିଥିଲେ। ପରେ ଡାକ୍ତର ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ। ବିଡ଼ିଓ ରାମଦାସ ଟୁଡୁ, ତହସିଲଦାର ଲଲାଟେନ୍ଦୁ ସି, ଥାନା ଅଧିକାରୀ ଦୟାନିଧି ଦାସ ଏବଂ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ନାଏକଙ୍କ ଉପସ୍ଥିତିରେ ପ୍ରଶାସନ ତରଫରୁ ତାଙ୍କ ମୃତଦେହ ସତ୍କାର ଲାଗି ବାରିପଦା ସ୍ଥିତ ଶ୍ମଶାନକୁ ପଠାଇ ଦିଆ ଯାଇଥିବା ଜଣାପଡ଼ିଛି।

## ଢାବାରୁ ମଦ ଜବତ

**ପାଟଣା,୧୧।୫(ସ୍ୱ.ପ୍ର.):** କରୋନା ସଂକ୍ରମଣ ବଢୁଥିବାରୁ ରାଜ୍ୟସରକାର ଲକ୍‌ଡାଉନ ଘୋଷଣା କରିଥିବା ବେଳେ ମଦ ମାଫିଆମାନେ ସକ୍ରିୟ ହୋଇ ସେମାନଙ୍କ ବେପାର ଅନାୟାସରେ କରୁଥିବା ଦେଖିବାକୁ ମିଳୁଛି। କେନ୍ଦୁଝର ଜିଲା ପାଟଣା ବ୍ଲକ ର ବିଭିନ୍ନ ରାଜପଥ ପାର୍ଶ୍ୱରେ ଥିବା ଢାବା ଓ ବଜାରରେ ଥିବା ପାନ ଦୋକାନରେ ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଚାଲିଛି। ଅଭିଯୋଗ ପାଇ ମଙ୍ଗଳବାର ତୁରୁମୁଙ୍ଗା ପୋଲିସ ୪୯ ନମ୍ବର ଏନ୍‌ଏଚ୍ ପାର୍ଶ୍ୱରେ ଥିବା ଏକ ଢାବାରେ ଚଢ଼ାଉ କରି ବିଭିନ୍ନ ପ୍ରକାର ମଦ ଜବତ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ସୌନ୍ଦର୍ଯ୍ୟ ହରାଉଛି କାଞ୍ଜିପାଣି

**କେନ୍ଦୁଝର, ୧୧।୫ (ସ୍ୱ.ପ୍ର.)**



କାଞ୍ଜିପାଣି ଘାଟି।

କେନ୍ଦୁଝର ଜିଲାର ଅନ୍ୟତମ ପ୍ରାକୃତିକ ଜଙ୍ଗଲ ଓ ପାହାଡ଼ଘେରା ପର୍ଯ୍ୟଟନ କେନ୍ଦ୍ର ଦୀର୍ଘ ୧୯ କି.ମି. ଲମ୍ବା ଅଙ୍କାବଙ୍କା କାଞ୍ଜିପାଣି ଘାଟି। ରାସ୍ତା ପ୍ରଶସ୍ତିକରଣ ପାଇଁ ବ୍ୟାପକ ପାହାଡ ସାଙ୍ଗକୁ ଜଙ୍ଗଲ ନଷ୍ଟ ହୋଇଯାଇଥିବାବେଳେ ଆଉ ଦେଖିବାକୁ ମିଳିବ ନାହିଁ ସବୁଜ ସୁଡଙ୍ଗ।

ସେହିପରି ବ୍ୟାପକ ଜଙ୍ଗଲ ପୋଡି ସାଙ୍ଗକୁ ପୋଡୁ ଚାଷ ଯୋଗୁ ଏହାର ଜୈବ ବିବିଧତା ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ବିଶେଷ କରି ଶୀତ ଓ ବର୍ଷା ଋତୁରେ ଏହାର ସବୁଜ ପରିବେଶ ସମସ୍ତଙ୍କୁ ଆକର୍ଷିତ କରିଥାଏ। ଜଙ୍ଗଲ ପଦା ହୋଇଯାଉଥିବାରୁ ବନ୍ୟଜନ୍ତୁ ପଳାୟନ କରୁଛନ୍ତି। ଜଙ୍ଗଲରେ ଥିବା ମାଙ୍କଡ ମାନେ ରାଜରାସ୍ତାରେ ଖାଦ୍ୟ ଅପେକ୍ଷାରେ ବସି ରହୁଛନ୍ତି। ବିଭିନ୍ନ କାରଣରୁ ଜଙ୍ଗଲରେ ନିଆଁ ଲାଗୁଥିବାରୁ ବହୁ ମୂଲ୍ୟବାନ ବୃକ୍ଷଲତା ତଥା ଔଷଧୀୟ ଗୁଳ୍ମ ତଥା ବନ୍ୟଜନ୍ତୁ, ସରୀସୃପ ଆଦି ନଷ୍ଟ ହୋଇଯାଉଛି। ଏହା ଛଡା ବନବାସୀଙ୍କ ଦ୍ୱାରା ଜଙ୍ଗଲ ପଦା କରି ସେସବୁ ପୋଡି କରୁଥିବା ପୋଡୁ ଚାଷ ପରିବେଶ ଅଧିକ କ୍ଷତି କରୁଛି। ବନବାସୀଙ୍କ ଜୀବନ ଜୀବିକା ନିର୍ବାହ ପାଇଁ ଥିବା ସରକାରଙ୍କ ସମସ୍ତ ଯୋଜନା ଏଠାରେ ଫେଲ ମାରୁଛି। ଏଣୁ ବନବାସୀ ପେଟପାଟଣା ପାଇଁ ପୁରୁଣା ପାରମ୍ପାରିକ ପୋଡୁ ଚାଷ ଛାଡି ପାରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ସମଗ୍ର ଜିଲାର ପରିବେଶକୁ ସୁଦୃଢ କରିଆସୁଥିବା ଏହି କାଞ୍ଜିପାଣୀ ଜୈବ ମଣ୍ଡଳର ସୁରକ୍ଷା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଛି। ଆଗରୁ ହାତୀ, ଭାଲୁ, ବାରହା, କୁଟୁରା, ମୟୂର ବହୁ ପ୍ରକାରର ଜୀବଜନ୍ତୁ ତଥା ସରୀସୃପ ଆଦି ଏହି ଘାଟିରେ ଦୃଶ୍ୟମାନ ହେଉଥିଲେ। ଏବେ ଆଉ ଦେଖିବାକୁ ମିଳୁନାହିଁ ବୋଲି ସ୍ଥାନୀୟ ଅଧିବାସୀ ଦୁତିଆ ଜୁଆଙ୍ଗ କହିଛନ୍ତି। ପୂର୍ବରୁ ଏହି ରାସ୍ତାରେ ଗଲେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଘଞ୍ଚ ଜଙ୍ଗଲ, କୁଳୁକୁଳୁ ଝରଣା ଆଦି ପ୍ରକୃତି ପ୍ରେମୀଙ୍କୁ ମତୁଆଲା କରିଦିଏ। ଲୋକେ କିଛି ସମୟ ଘାଟି ଉପରେ ଅଟକି ଏହାର ସବୁଜ ପରିବେଶର ସୌନ୍ଦର୍ଯ୍ୟ ଦେଖିବା ସହ ଦେହରେ ପିଟି ହେଉଥିବା ବାଦଲର ଶିହରଣ ଅନୁଭବ କରିଥାନ୍ତି। ରାସ୍ତାର ଉଭୟ ପାର୍ଶ୍ୱର ବଡ ବଡ ଝଙ୍କାଳିଆ ଗଛ ପରସ୍ପର ସହିତ ଯୋଡ଼ି ହୋଇ ଏକ ସବୁଜ ସୁଡଙ୍ଗ ସୃଷ୍ଟି ହୋଇଥାଏ। ଏହା ଭିତରେ ଯିବାଆସିବାର ଅଲଗା ଅନୁଭୂତି। କିନ୍ତୁ ରାସ୍ତା କଡ ଜଙ୍ଗଲ ନଷ୍ଟ ଯୋଗୁ ଏହାର ସୌନ୍ଦର୍ଯ୍ୟତା ଆଉ ଦେଖିବାକୁ ମିଳିବ ନାହିଁ ବୋଲି ଅନେକ ମତବ୍ୟକ୍ତ କରିଛନ୍ତି।

# ୫ଦିନ ପରେ ପୁଣି ନାଳ ପୋତି ଦେଲେ ଅବରୋଧକାରୀ

**ବାହାନଗା, ୧୧।୫(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ନୟନଯୋରୀ ଉପରୁ ପ୍ରଶାସନ ଅବରୋଧ ହଟାଇବାର ୫ଦିନ ପରେ ଅବରୋଧକାରୀମାନେ ନିଷ୍କାସନ ପାଇଁ ଥିବା ନାଳକୁ ପୁଣି ପୋତି ଦେଇଛନ୍ତି। ଫଳରେ ରାସ୍ତା ଉପରେ ବର୍ଷାଜଳ ଢେଉ ଖେଳୁଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ବାହାନଗା ବ୍ଲକର ବିଭିନ୍ନ ଅଞ୍ଚଳରେ ରାସ୍ତାପାଖ ନୟନଯୋରୀକୁ ଲୋକମାନେ ପୋତି ଅବରୋଧ କରି ରଖିଛନ୍ତି। ବର୍ଷା ହେଲେ ଜଳ ବାହାରକୁ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଦୋକାନ ଓ ଘର ଭିତରକୁ ପଶିଯାଉଛି। ଏ ବିଷୟରେ କ୍ଷତିଗ୍ରସ୍ତ ଲୋକେ ବାହାନଗା ତହସିଲଦାରଙ୍କଠାରେ ବାରମ୍ବାର ଅଭିଯୋଗ କରିବା ପରେ ଗତ ୫ତାରିଖରେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ସଦଳବଳେ ଗୋପାଳପୁର ପଞ୍ଚାୟତର ଜୁଣିଆ ବଜାରସ୍ଥିତ ଅବରୋଧ ସ୍ଥାନରେ ପହଞ୍ଚି କିପରି ବର୍ଷାଜଳ ଦୋକାନ ଭିତରକୁ ନ ପଶି ବାହାରକୁ ନିଷ୍କାସନ ହୋଇପାରିବ ସେ ବିଷୟରେ ଚିନ୍ତା କରି ନୟନଯୋରୀକୁ ଅବରୋଧ ସ୍ଥାନକୁ ନାଳ ଖୋଳି ଦୋକାନ ଭିତରକୁପ୍ରବେଶ କରୁଥିବା ଜଳକୁବାହାରକୁ ନିଷ୍କାସନ କରିଥିଲେ। ତେବେ ତହସିଲ ପକ୍ଷରୁ ଏପରି କରାଯିବାରୁ ୫ଦିନ ପରେ ପୁନର୍ବାର ଅବରୋଧକାରୀ ନାଳକୁ ପୋତି ଦେଇଛନ୍ତି। ପ୍ରଶାସନ ଅବରୋଧକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଦାବି କରିଛନ୍ତି।



ଦୋକାନ ଆଗରେ ବର୍ଷା ପାଣି ଜମି ରହିଛି।

**ଗୋଦାମରେ କାର୍, ଟ୍ରକ୍ ପୋଡ଼ି ମାମଲା**

# ଜେଲ ଗଲେ ୩ ଅଭିଯୁକ୍ତ

**ବସ୍ତା/ରୂପ୍‌ସା, ୧୧।୫(ଡି.ଏନ.ଏ.)**

**ବାଇକ୍ ସହ ମାରଣାସ୍ତ୍ର ଜବତ**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଛାନୁଆ ଗ୍ରାମର ଜଣେ ଚିଙ୍ଗୁଡ଼ି ବ୍ୟବସାୟୀଙ୍କ ଗୋଦାମ ଘରେ ଥିବା କାର୍ ଓ ଟ୍ରକ୍ ପୋଡ଼ି ମାମଲାର ତଦନ୍ତ କରି ବସ୍ତା ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ସୁବ୍ରତ ଦାସ, ଚନ୍ଦନ ସେଠୀ ଓ ହରପ୍ରସାଦ ଜେନା। ସେମାନଙ୍କଠାରୁ ଏକ ବାଇକ୍ ସହ ଗୋଟିଏ ତେଲଙ୍ଗା କଟୁରୀ ଓ ଗୋଟିଏ କଟୁରୀ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

ଚିଙ୍ଗୁଡ଼ି ବ୍ୟବସାୟୀ ସୁବାଷ ଭୂୟାଁଙ୍କ ଘର ପାଖ ଗୋଦାମ ଘରେ ଫାଟକ ଭିତରେ ତାଙ୍କ ଟ୍ରକ୍ (ନଂ. ଓଡ଼ି୦୧ଏକ୍ସ-୫୭୧୭) ଓ ତାଙ୍କ ପୁତୁରା ନାଣ୍ଟୁ ଜେନାଙ୍କ କାର୍ (ନଂ. ଓଡ଼ି୦୧ଏଫ୍-୯୨୦୯) ସମେତ ଚିଙ୍ଗୁଡ଼ି ଖାଦ୍ୟ ଓ ବିଭିନ୍ନ ସାମଗ୍ରୀ ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୨୦ତାରିଖ ରାତିରେ ଉକ୍ତ ୩ଜଣ ଅଭିଯୁକ୍ତ ପେଟ୍ରୋଲ ଓ ମାରଣାସ୍ତ୍ର ଧରି ଗୋଦାମ ଘର ନିକଟରେ ପହଞ୍ଚିଥିଲେ। ଫାଟକ ଭିତରକୁ ଯାଇ ସେମାନେ ଏହି କାର୍ ଓ ଟ୍ରକ୍‌ରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ଥାନାରେ ଏକ ମାମଲା (ନଂ. ୯୬/୨୧।୩।୨୧) ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଆଇଆଇସି ଅଶୋକ କୁମାର ନାୟକ ଓ ତଦନ୍ତ ଅଧିକାରୀ ଏସ୍‌ଆଇ ପ୍ରଶାନ୍ତ କୁମାର ପାଣି ଚଢ଼ାଉ କରି ଗତ ୯ତାରିଖରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

## ମୋବାଇଲ, କମ୍ପ୍ୟୁଟର ଦୋକାନ ଖୋଲାଥିବାରୁ ଜରିମାନା

**ପାଟଣା,୧୧।୫(ସ୍ୱ. ପ୍ର.)**

କେନ୍ଦୁଝର ଜିଲାରେ ଲକ୍‌ଡାଉନ୍ ଜାରି ରହିଥିବାବେଳେ ମଙ୍ଗଳବାର ପାଟଣା ମାର୍କେଟରେ କେତେକ ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ପାଟଣା ବଜାର ଉପରେ ଥିବା ଏକ ମୋବାଇଲ ରିପ୍ୟାୟରିଂ ଦୋକାନୀ ଦୋକାନ ଖୋଲି ମୋବାଇଲ ବିକ୍ରି କରୁଥିବାବେଳେ ଆଉ ଏକ କମ୍ପ୍ୟୁଟର ଦୋକାନରେ ୧୦ରୁ ଉର୍ଦ୍ଧ୍ୱ ଯୁବକ ଏକାଠି ବସି କମ୍ପ୍ୟୁଟରରେ ଗେମ ଖେଳୁଥିଲେ। ଖବରପାଇ କୋଭିଡ ଏନଫୋର୍ସ ମେଣ୍ଟ ଟିମ ଘଟଣାସ୍ଥଳରେ ପହଞ୍ଚି ଥିଲା। କୋଭିଡ ଆଇନ ଉଲ୍ଲଂଘନ କରିଥିବାରୁ ଉକ୍ତ ମୋବାଇଲ ଦୋକାନରୁ ପାଞ୍ଚଶହ ଟଙ୍କା ଓ କମ୍ପ୍ୟୁଟର ଦୋକାନରୁ ଏକ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଚଢ଼ାଉ ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ କରାଯାଇଥିଲା। ଏଥିରେ ପାଟଣା ଥାନା ଏସଆଇ ରଣଜିତ ପଟ୍ଟନାୟକ, ସୁପରଭାଇଜର ବନମାଳି ନାଏକ ଓ ପାଟଣା ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁ ପ୍ରମୁଖ ସାମିଲ ଥିଲେ।

# ଜରିମାନା ସହ ଦିନକ ପାଇଁ ଦୋକାନ ସିଲ୍

**ଢେଙ୍କିକୋଟ, ୧୧।୫ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ବ୍ୟବସାୟ ବ୍ୟସ୍ତ ବହୁଳ ବଜାରକୁ ମଙ୍ଗଳବାର ୧୨ଟା ବେଳେ ଘଟଗାଁ ବ୍ଲକ ଅତିରିକ୍ତ ବିଡିଓ ଚିତ୍ତରଞ୍ଜନ ନାୟକ ଦୋକାନ ବଜାରରେ ଗହଳି ଚହଳି ଥିବା ଅଭିଯୋଗ ପାଇ ଚଢ଼ାଉ କରିଥିଲେ। ୧୨ଟା ପରେ ଦୁଇଟି ଗ୍ରସେରି ଦୋକାନ ଖୋଲା ଥିବାରୁ ତାଙ୍କୁ ୧୦୦୦ ଟଙ୍କା ଲେଖାଏଁ ଜରିମାନା ସାଙ୍ଗକୁ ଗୋଟିଏ ଦିନ ସିଲ କରିବାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୋହିତ କୁମାର ମହାନ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅକ୍ସିଜେନ କନ୍‌ସେଣ୍ଟ୍ରେଟର ପ୍ରଦାନ



ଜିଲାପାଳଙ୍କୁ ଅକ୍ସିଜେନ କନ୍‌ସେଣ୍ଟ୍ରେଟର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ, ୧୧।୫**

ବାଲେଶ୍ୱର ଜିଲାରେ ମହାମାରୀ କରୋନାର ଦ୍ରୁତ ସଂକ୍ରମଣରେ ଆକ୍ରାନ୍ତ ରୋଗୀଙ୍କୁ ବଞ୍ଚାଇବା ନିମନ୍ତେ ଆବଶ୍ୟକ ଅକ୍ସିଜେନକୁ ଆଖି ଆଗରେ ରଖି ମଙ୍ଗଳବାର ବିଶ୍ୱ ମାନବାଧିକାର ସଙ୍ଗଠନ ବାଲେଶ୍ୱର ଶାଖା ଓ ଇଷ୍ଟର୍ଣ୍ଣ ସିଲିଣ୍ଡର ପକ୍ଷରୁ ଦୁଇଟି ୫ଲିଟର ବିଶିଷ୍ଟ ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ ଉପସ୍ଥିତ ଥିଲେ।

ଡା. ଜଗଦ୍ଦେବଙ୍କ କହିବାନୁସାରେ ଏହି ଅକ୍ସିଜେନ କନ୍‌ସେଣ୍ଟ୍ରେଟର ଅକ୍ସିଜେନ ସିଲିଣ୍ଡରଠାରୁ ଭିନ୍ନ। ଏଥିରେ ଅକ୍ସିଜେନ୍ ତିଆରି ହୋଇଥାଏ। ଥରେ ରୋଗୀଙ୍କୁ ଲଗାଇଦେଲେ ତାହା ନ ସରି କନ୍‌ସେଣ୍ଟ୍ରେଟର ଭିତରେ ଅକ୍ସିଜେନ ତିଆରି ହୋଇଥାଏ। ଫଳରେ ରୋଗୀଟି ବିପଦମୁକ୍ତ ରହେ। ବିଶେଷ କରି କୋଭିଡ୍ କେୟାର ସେଣ୍ଟରଗୁଡ଼ିକରେ ଅଧିକ ଗୁରୁତର ରୋଗୀମାନଙ୍କ ପାଇଁ ସହାୟକ ହେବ। ମଙ୍ଗଳବାର ଦୁଇଟି ସଂସ୍ଥା ଦ୍ୱାରା ଦୁଇଟି ଅକ୍ସିଜେନ କନ୍‌ସେଣ୍ଟ୍ରେଟର ମିଳିଛି। ପୂର୍ବରୁ ଅନ୍ୟ କମ୍ପାନୀ ୪ଟି ଦେଇସାରିଛନ୍ତି। ଓଏସ୍‌ଏମ୍‌ସି ମଧ୍ୟ କିଛି ସହାୟତା ଯୋଗାଇଦେବ। ଏସବୁକୁ ଉପଖଣ୍ଡ ଓ ବ୍ଲକ ଅଞ୍ଚଳରେ ଥିବା କୋଭିଡ୍ କେୟାର ସେଣ୍ଟରରେ ରଖାଯାଇ କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅକ୍ସିଜେନ କନ୍‌ସେଣ୍ଟ୍ରେଟର ପ୍ରଦାନ ସମୟରେ ଉଭୟ ସଂସ୍ଥାର ପ୍ରକାଶ ମହାନ୍ତି, ସଂଘମିତ୍ରା ମହାନ୍ତି, ଚିନ୍ମୟ ବିଶ୍ୱାଳ, ରଶ୍ମିତା ବିଶ୍ୱାଳ, ସୁଜାତା ପଣ୍ଡା, ଏସ୍‌କେ ହମିଦ, ଇଷ୍ଟର୍ଣ୍ଣ ସିଲିଣ୍ଡରର ଅଧକ୍ଷା ଗିରିଜା ମିଶ୍ର, ସୁବ୍ରତ ଦାସ, ରତିକାନ୍ତ ପାଢ଼ୀ ଓ ସନ୍ଦୀପ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

**ସୋର, ୧୧।୫(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ନଦୀଗାଁ ଗ୍ରାମର ଇଷ୍ଟକୋଷ୍ଟ ରେଳ ବିଭାଗର ଜଣେ ଯୁବ ଇଞ୍ଜିନିୟରଙ୍କର ସୋମବାର କରୋନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସଞ୍ଜୀବ ସାହୁ। ଗତ କିଛିଦିନ ତଳେ ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଯାଜପୁରର ଏକ ଘରୋଇ ମେଡିକଲରେ ଭର୍ତ୍ତି ହୋଇଥିଲେ। ସେ ୧୫ ଦିନ ଧରି ଭେଣ୍ଟିଲେଟରରେ ଥିଲେ। ସୋମବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ କୋଭିଡ୍ କଟକଣା ଭିତରେ ଯାଜପୁରଠାରେ ଶେଷକୃତ୍ୟ କରାଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରସାରିତ ହେବା ପରେ ନଦୀଗାଁ ସମେତ ସୋର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଖବରଦାତା ନେଲେ ଟିକା



ବରିଷ୍ଠ ଖବରଦାତା ଦୟାନିଧି ମହାପାତ୍ରଙ୍କୁ ପ୍ରଥମେ ଟିକା ଦିଆଯାଉଛି।

**ଖଇରା, ୧୧।୫(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରଦାତାମାନଙ୍କୁ ସମ୍ମୁଖ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ପରେ ଜିଲା ଓ ବ୍ଲକ ସ୍ତରରେ ଖବରଦାତା ମାନଙ୍କୁ ପ୍ରାଥମିକତା ଭିତ୍ତିରେ କୋଭିଡ ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇଛି। ମଙ୍ଗଳବାର ଖଇରା ବ୍ଲକରେ କାର୍ଯ୍ୟରତ ଖବରଦାତାମାନଙ୍କୁ ଟିକା ପ୍ରଦାନ କରାଯାଇଛି। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ପ୍ରଭାକର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିପିଏମ ସୂର୍ଯ୍ୟକାନ୍ତ ବାରିକ, ସୁପରଭାଇଜର ମୁକ୍ତିକାନ୍ତ ପଣ୍ଡା, ଭାଗ୍ୟଶ୍ରୀ ନାୟକଙ୍କ ପ୍ରତ୍ୟକ୍ଷ ସହଯୋଗରେ ୧୫ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଖବରଦାତାଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳବନ୍ଧୁ ପଣ୍ଡା, ସମ୍ପାଦକ ବଳରାମ ଲେଙ୍କା ପ୍ରମୁଖ ଟୀକାକରଣ କାର୍ଯ୍ୟର ସଂଯୋଜନା କରିଥିଲେ।

# ଟିକା ନେବାକୁ ମଧ୍ୟରାତ୍ରରୁ ଲାଗୁଛି ଲାଇନ

**ବାସୁଦେବପୁର,୧୧।୫(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରରେ କରୋନା ଟିକାର ପରିମାଣ ପର୍ଯ୍ୟାପ୍ତ ହେଉ ନ ଥିବାରୁ ଟିକା ଗ୍ରହଣ ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢିବାରେ ଲାଗିଛି। ଟିକା ନେବାକୁ ମଧ୍ୟରାତ୍ରରୁ ବାସୁଦେବପୁର ଫିଡର ସ୍କୁଲ ପରିସର ଓ ବ୍ଲକ ରୋଡରେ ଗତ ଦୁଇ ଦିନ ଧରି ଲମ୍ବା ଲାଇନ ଲାଗିଥିବା ଲକ୍ଷ୍ୟ କରାଯାଇଛି। ଶଟ୍‌ଡାଉନ ଲକଡାଉନ ଓ ନାଇଟ କର୍ଫ୍ୟୁ ଥିବା ସତ୍ତ୍ୱେ ଲୋକ ମାନେ ଏହାକୁ ନ ମାନି ଭିଡ଼ ଜମାଉଛନ୍ତି। ପଞ୍ଜୀକରଣ ବେଳେ ସଂଖ୍ୟାତୀତ ଭାବେ ଲୋକଙ୍କ ଉପସ୍ଥିତି ସଂକ୍ରମଣର ଭୟ ସୃଷ୍ଟି କରୁଛି। ପଞ୍ଜୀକରଣ ସ୍ଥଳରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ବିଡିଓ ପ୍ରଣବ କୁମାର ବେହେରା ଉପସ୍ଥିତ ରହି ପୋଲିସ ସହାୟତାରେ ଭିଡ ନିୟନ୍ତ୍ରଣ କରୁଛନ୍ତି। ପର୍ଯ୍ୟାପ୍ତ ପରିମାଣରେ ଟିକା ଉପଲବ୍ଧ ହେଲେ ଏହି ସମସ୍ୟା ଦୂର ହୋଇପାରିବ। ୧୦ ତାରିଖରେ ୪୨୦ ଟିକାଦାନ ହୋଇଥିବା ବେଳେ ୧୧ ତାରିଖରେ ୩୦୦ରୁ ଉର୍ଦ୍ଧ୍ୱ ଟିକାକରଣ କରାଯାଇଛି। ତେବେ ଏହି ଟିକା ନେବାକୁ ପ୍ରତ୍ୟେହ ୩ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଧିକ ଟିକା ଯୋଗାଇଦେଲେ ଟିକାକରଣ ଅଧିକ ହୋଇପାରିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତ କହିଛନ୍ତି।

# ମାନ୍ଧାତା ହାଟରେ କୋଭିଡ୍ ନିୟମ ଉଲ୍ଲଂଘନ

**ଲଙ୍ଗଳେଶ୍ୱର, ୧୧।୫(ଡି.ଏନ.ଏ.)**



ମାନ୍ଧାତା ହାଟରେ ଲୋକଙ୍କ ଗହଳି।

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ବସୁଥିବା ବହୁ ପୁରାତନ ମାନ୍ଧାତା ହାଟରେ କୋଭିଡ ନିୟମ ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଏହି ହାଟକୁ ବାଲିଆପାଳ ଓ ବସ୍ତା ବ୍ଲକର ପରିବା ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ବିଭିନ୍ନ ପନିପରିବା ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସିଥାନ୍ତି। ଏହି ହାଟ ଉପରେ ପାଖାପାଖି ୧୦ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଫଳରେ ଏହି ହାଟକୁ ୫ହଜାରରୁ ଉର୍ଦ୍ଧ୍ୱ ଗ୍ରାହକମାନେ ଏକକାଳୀନ ଆସିଥାନ୍ତି। କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବହୁ ହାଟ, ବଜାର ଉପରେ କଟକଣା ଜାରି କରାଯାଇ ବନ୍ଦ କରାଯାଇଛି। ବାଲିଆପାଳ ବ୍ଲକରେ କରୋନା ସଂକ୍ରମଣ ବେକାବୁ ପରିସ୍ଥିତିରେ ପହଞ୍ଚିଲାଣି। ହେଲେ ବାଲିଆପାଳ ପୋଲିସର ଚେତା ପଶୁନି। କରୋନା କଟକଣାକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଇ ହାଟ ବସୁଛି। କଟକଣା ସତ୍ତ୍ୱେ କୁକୁଡ଼ା ଲଢ଼େଇ ଓ ଜୁଆଖେଳ ଜାରି ରହିଛି। ତୁରନ୍ତ ଏହି ହାଟକୁ ଯଦି ବନ୍ଦ କରା ନ ଯାଏ ତେବେ ପରିସ୍ଥିତି ଭୟାବହ ହେବାର ଆଶଙ୍କା ସୃଷ୍ଟି ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

